ସ୍ୱାଧିକାର

ଜୁନ୍ ୨୧, ଶୁକ୍ରବାର, ୨୦୧୯, କେନ୍ଦ୍ରାପଡା

# ଭୁବନେଶ୍ୱର ଚ୍ୟାପ୍ଟରର ଓରାଲ କୋଚିଂ ଉଦ୍‌ଘାଟିତ




ଭୁବନେଶ୍ୱର,୨୦।୬ (ସ୍ୱା.ପ୍ର): ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଟ୍‌ସ୍ ଅଫ୍ ଇଣ୍ଡିଆ (ଆଇ.ସି.ଏ.ଆଇ) - ଭୁବନେଶ୍ୱର ଚ୍ୟାପ୍ଟର ତା'ର ୬୨ ତମ ଓରାଲ କୋଚିଂ ଉଦ୍‌ଘାଟନ ଉତ୍ସବ ତା।୧୯/୦୬/୨୦୧୯ ରିଖ ନିଜସ୍ୱ ପ୍ରାଙ୍ଗଣରେ ପାଳିତ କରିଅଛି। ଉକ୍ତ ଉତ୍ସବରେ ୨୦୦ ରୁ ଉର୍ଦ୍ଧ୍ୱ ନୂତନ ପଞ୍ଜିକୃତ ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ଅଂଶ ଗ୍ରହଣ କରିଥିଲେ।

ଉକ୍ତ ଉତ୍ସବରେ ସିଏମ୍‌ଏ ପ୍ରଭାକର ମହାନ୍ତି, ନିର୍ଦ୍ଦେଶକ (ଅର୍ଥ), ଓ.ଏଚ୍.ପି.ସି. ଓ ଓ.ପି.ଜି.ସି ତଥା ପୂର୍ବତନ ସଭାପତି, ଆଇ.ସି.ଏ.ଆଇ "ମୁଖ୍ୟ ଅତିଥି" ଓ ସିଏମ୍‌ଏ ଶିବପ୍ରସାଦ ପାତ୍ରୀ, ସଦସ୍ୟ, ପୂର୍ବାଞ୍ଚଳ ଆଞ୍ଚଳିକ ପରିଷଦ ତଥା ପୂର୍ବତନ ଅଧ୍ୟକ୍ଷ, ପୂର୍ବାଞ୍ଚଳ ଆଞ୍ଚଳିକ ପରିଷଦ, ଆଇ.ସି.ଏ.ଆଇ ଯୋଗଦାନ କରି ଏହାର ଶୁଭ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ବହୁମୂଲ୍ୟ ଉପଦେଶମାନ ଦେଇଥିଲେ। ସମସ୍ତ ନୂତନ ପଞ୍ଜିକୃତ ସିଏମ୍‌ଏ ଛାତ୍ରଚାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ଭୁବନେଶ୍ୱର ଚ୍ୟାପ୍ଟରର ଅଧ୍ୟକ୍ଷ ସିଏମ୍‌ଏ ଶକ୍ତିଧର ସିଂହ ସ୍ୱାଗତଭାଷଣ ଦେବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକଳାପ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଦେଇଥିଲେ। ଉକ୍ତ ଚ୍ୟାପ୍ଟରର କୋଚିଂ କମିଟି ଅଧ୍ୟକ୍ଷ ସିଏମ୍‌ଏ ଶାନ୍ତନୁ କୁମାର ରାଉତ ସମାରୋହଟିକୁ ସଂପାଦନା କରିଥିବାବେଳେ ଚ୍ୟାପ୍ଟରର ସଂପାଦକ ସିଏମ୍‌ଏ ହିମୋଜ ମିଶ୍ର ଧନ୍ୟବାଦ ଭାଷଣ ଅର୍ପଣ କରିଥିଲେ।

Scanned by CamScanner